Back2Back

Organic Farming
Brochure - No.1



# ଜୈବିକ କୃଷି




Implemented by :
**Nabapallav**

Supported by :
**Aqua Alimenta**



Organic Farming

ଜୈବିକ କୃଷି

### ମୁଖ୍ୟ ଉଦ୍ଦେଶ୍ୟ

- ମାଟିର ଉର୍ବରତା ଫେରାଇବା।
- କମ୍ ଖର୍ଚ୍ଚରେ ଉତ୍ତମ ଖାଦ୍ୟ ଶଷ୍ୟ ଉତ୍ପାଦନ କରିବା।
- ପରିବେଶ ସୁରକ୍ଷା ଓ ସନ୍ତୁଳନ ରକ୍ଷା କରିବା।
- ମାଟିରେ ଲାଭଦାୟକ ସୂକ୍ଷ୍ମ ଜୀବାଣୁର ସଂଖ୍ୟା ବୃଦ୍ଧି କରିବା।
- ଆତ୍ମନିର୍ଭରଶୀଳ କୃଷି ପ୍ରଣାଳୀର ବିକାଶ କରିବା।
- ଜୈବିକ ସାର ଓ କୀଟନାଶକ ଔଷଧକୁ ପ୍ରୋତ୍ସାହନ ଦେବା।
- ଜୈବିକ ଉତ୍ପାଦନର ଉଚିତ୍ ମୂଲ୍ୟ ଯୋଗୁଁ ଗ୍ରାମାଞ୍ଚଳ ଚାଷୀମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା।

## ପୃଷ୍ଠଭୂମି

ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ ଜୈବିକ ଖତ ଓ ଜୈବିକ କୀଟନାଶକ ଔଷଧ ପ୍ରୟୋଗ କରି ଚାଷ କରିବା ପ୍ରଣାଳୀକୁ ଜୈବିକ କୃଷି କୁହାଯାଏ। ବୈଜ୍ଞାନିକ ପ୍ରଣାଳୀରେ ଜୈବିକ କୃଷି କରାଯାଇ ଫସଲ ଉତ୍ପାଦନରେ ବୃଦ୍ଧି ଏବଂ ରୋଗପୋକ ମଧ୍ୟ ନିୟନ୍ତ୍ରଣ କରାଯାଇଥାଏ।

ଜୈବିକ କୃଷି ହେଉଛି ଆମର ପୂର୍ବପୁରୁଷମାନଙ୍କ ଦ୍ୱାରା ଅନାଦି କାଳରୁ କରାଯାଉଥିବା ଦେଶୀୟ ପ୍ରାକୃତିକ ଚାଷ ପ୍ରଣାଳୀ। ୧୮ ଓ ୧୯ ଶହ ଶତାବ୍ଦୀରେ ପୃଥିବୀରେ ଶିଳ୍ପ ବିପ୍ଳବ ପରେ ପରେ ରାସାୟନୀକ ସାର ତଥା ବିଷାକ୍ତ କୀଟନାଶକ ଉଦ୍ଭାବନ ହୋଇ ଜମିରେ ପ୍ରୟୋଗ କରାଗଲା। ଆମେ ଦେଶରେ ୧୯୬୦-୭୦ ମସିହାରେ ଦୁର୍ଭିକ୍ଷ ତଥା ଖାଦ୍ୟାଭାବ ହେତୁ ସବୁଜ ବିପ୍ଳବ ସମୟରେ କୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ ରାସାୟନିକ ସାର ତଥା କୀଟନାଶକର ବହୁଳ ବ୍ୟବହାର ଆରମ୍ଭ ହେବା ଦ୍ୱାରା ମାଟିର ଉର୍ବରତା ଶକ୍ତି କମିବା, ମାଟି, ପାଣି, ପବନ, ପରିବେଶ, ଖାଦ୍ୟର ଗୁଣବତ୍ତା ହ୍ରାସ ହେବା ସହ ଉଦ୍ଭିଦ ଓ ପ୍ରାଣୀ ଜଗତ ବିଭିନ୍ନ ଦୁଃସାଧ ରୋଗର ଶୀକାର ହେଉଛନ୍ତି।

ଏକଦା ରାସାୟନିକ ସାର ଓ କୀଟନାଶକ ଔଷଧର ଉଦ୍ଭାବନ ଓ ପ୍ରୟୋଗ ଆରମ୍ଭ କରିଥିବା ବିକଶିତ ଦେଶ ଯଥା ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ଆଦି ରାଷ୍ଟ୍ରମାନେ ବର୍ତ୍ତମାନ ଏହାର ବ୍ୟବହାର ଉପରେ ଆଇନ୍ ଅନୁଯାୟୀ ପ୍ରତିବନ୍ଧକ ଲଗାଇ 'ଜୈବିକ କୃଷି'କୁ ଆପଣେଇଲେଣି। ବର୍ତ୍ତମାନ ଆମ ଦେଶରେ ମଧ୍ୟ ଲୋକମାନେ ରାସାୟନିକ ସାର ଓ କୀଟନାଶକ ଔଷଧ ବିରୋଧରେ ସଚେତନ ହେଲେଣି। ଫଳରେ, ଚାଷୀମାନେ ରାସାୟନିକ ସାର ଓ କୀଟନାଶକ ଔଷଧର ବ୍ୟବହାର ବର୍ଜନ କରି ଆମର ପାରମ୍ପରିକ ପଦ୍ଧତିରେ କୃଷି କାର୍ଯ୍ୟ କରିବାକୁ ଉତ୍ସାହିତ ହେଉଛନ୍ତି।

Organic Farming
ଜୈବିକ କୃଷି



# ଜୈବିକ କୃଷି ପ୍ରଣାଳୀ

ଜୈବିକ କୃଷି ପ୍ରଣାଳୀ ମୁଖ୍ୟତଃ- ଫସଲ ଚକ୍ର, ଭୂମି ଆବରଣ, ପଶୁ ଖତ, ଡାଲି ଜାତୀୟ ଫସଲ, ସବୁଜ ଖତ, ଜମିରେ ବାକି ରହିଯାଇଥିବା ପୁରୁଣା ଫସଲର ଅବେଶଷ, ଏବଂ ରୋଗପୋକ ନିୟନ୍ତ୍ରଣ ଉପରେ ନିର୍ଭର କରେ, ଯାହାକି ମାଟିର ଉତ୍ପାଦକତାକୁ ସନ୍ତୁଳିତ ରଖେ।

**ଫସଲ ଚକ୍ର:** ଚାଷ ଜମିରୁ ଶଷ୍ୟ ଜାତୀୟ ଖାଦ୍ୟ ଉତ୍ପାଦନ ପରେ ଚାଷୀମାନେ ଡାଲି ଜାତୀୟ ଫସଲ କରିଥା'ନ୍ତି। ଚାଷ ଜମିର ହିଡଗୁଡିକରେ ପନିପରିବା ଓ ଫଳ ଜାତୀୟ ଗଛ ବା ଗୁଳ୍ମ ମଧ ଲଗାଯାଇଥାଏ। ଫସଲର କିସମ ପରିବର୍ତ୍ତନ ମଧ ଏହି ଚକ୍ର ଅର୍ନ୍ତଭୁକ୍ତ ଅଟେ।



**ଭୂମି ଆବରଣ:** ଜମିର ଉପର ସ୍ତରକୁ ପତ୍ର, ଘାସ, ପାଳ ଓ ଅନ୍ୟ ଜୈବିକ ଅବଶେଷ ଦ୍ୱାରା ଘୋଡାଇବା ପ୍ରକ୍ରିୟାକୁ ଭୂମି ଆବରଣ ବା ମଲ୍‌ଚିଂ କୁହାଯାଏ। ଏହା ଦ୍ୱାରା ଜମିରେ ଥିବା ସୂକ୍ଷ୍ମ ଜୀବାଣୁ ଓ ଜିଆ ଆଦିଙ୍କ ଗତିବିଧିରେ ବୃଦ୍ଧି ହେବା ସହ ବର୍ଷା ଜଳ ଶୀଘ୍ର ବୋହି ନଯାଇ ମାଟିରେ ଆଦ୍ରତା ବୃଦ୍ଧି ହୋଇଥାଏ। ପରବର୍ତ୍ତୀ ସମୟରେ ଏହା ଜୈବିକ ଖତରେ ପରିବର୍ତ୍ତିତ ହୋଇଥାଏ। ଭୂମି ଆବରଣ ପ୍ରକ୍ରିୟା ମୃର୍ତ୍ତିକା କ୍ଷୟକୁ ମଧ ନିୟନ୍ତ୍ରଣ କରିଥାଏ।

**ସବୁଜ ଖତ, ପଶୁ ଖତ ଓ ଫସଲ ଅବଶେଷ:** ଆମ ଚତୁଃପାର୍ଶ୍ୱରେ ଥିବା ଗଛ ପତ୍ର, ଗୁଳ୍ମ, ଘାସ ଓ ଲତା ଜାତୀୟ ଆଦିକୁ ବୈଜ୍ଞାନିକ ପ୍ରଣାଳୀରେ ପ୍ରକ୍ରିୟାକରଣ କରାଯାଇ ଜୈବିକ ସାର ପ୍ରସ୍ତୁତ କରାଯାଇଥାଏ। ସମସ୍ତ ଚାଷୀମାନେ ଜାଣନ୍ତି ଯେ, ଶଷ୍ୟ ଜାତୀୟ ଫସଲରେ ଧନିଚା ଗଛ କିପରି ମାଟିର ଯବକ୍ଷାରଜାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ ଏବଂ ବିହନରେ ଲିମ୍ବ ପତ୍ର ଶୁଖାଇ ଗୁଣ୍ଡ କରି ମିଶାଇଲେ ଏଥିରେ ପୋକ ଲାଗି ନଥାଏ। ଜୈବିକ ସାର ଓ ଔଷଧ ଫସଲରେ ପ୍ରୟୋଗ କରିବା ଦ୍ୱାରା ଉତ୍ପାଦନ ହାର ବୃଦ୍ଧି ହେବା ସହ ଚାଷୀମାନଙ୍କ ଖର୍ଚ୍ଚ ଭାର କମ୍ ହୋଇଥାଏ। ସେହିପରି ଗୃହପାଳିତ ପଶୁ ମଳ, ମୂତ୍ର ଓ ପୁରୁଣା ଫସଲର ଅବଶେଷ ବା ଆବର୍ଜ୍ଜନାରୁ ଜୈବିକ ସାର ଓ କୀଟନାଶକ ଔଷଧ ମଧ ତିଆରି କରାଯାଏ; ଯାହାକି ଫସଲରେ ବିଭିନ୍ନ ସମୟରେ ଦେଖାଯାଉଥିବା ରୋଗପୋକ ନିୟନ୍ତ୍ରଣରେ ସହାୟକ ହୋଇଥାଏ।

**ରୋଗପୋକ ନିୟନ୍ତ୍ରଣ:** ବିଭିନ୍ନ ଫସଲରେ ବିଭିନ୍ନ ସମୟରେ ଦେଖାଯାଉଥିବା ରୋକ, କୀଟ ଆଦିକୁ ନିୟନ୍ତ୍ରଣ କରିବା ନିମନ୍ତେ ଜୈବିକ ପ୍ରଣାଳୀରେ ପ୍ରସ୍ତୁତ କୀଟନାଶକଗୁଡିକର ବ୍ୟବହାର କରାଯାଇଥାଏ। ରାସାୟନିକ କୀଟନାଶକ ଭଳି ଏହା ରୋଗପୋକ ଦମନ କରିଥାଏ। ଉଦାହରଣ ସ୍ୱରୂପ; ସମସ୍ତ ଚାଷୀମାନେ ଜାଣନ୍ତି ଯେ, ଶଷ୍ୟଜାତୀୟ ଫସଲ ପାଖରେ ଗେଣ୍ଡୁ ଗଛ ଲଗାଇବା ଦ୍ୱାରା ଛୋଟ କୀଟମାନେ ଫସଲ ଠାରୁ ଦୂରେଇ ରୁହନ୍ତି।




## ଜୈବିକ କୃଷିର ଉପାଦେୟତା ଓ ଲାଭ

ଜୈବିକ କୃଷି ଯୋଗୁଁ ଜମିର ଉର୍ବରତା ଶକ୍ତି ବଢ଼ିବା ସହିତ ପରିବେଶର ସୁରକ୍ଷା ସହ ଜଳ ଉତ୍ସ ନିର୍ମଳ ତଥା ନିରାପଦ ରୁହେ। ଏହି ପ୍ରଣାଳୀ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ରୋଗ ପୋକ ନିୟନ୍ତ୍ରଣ କରିଥାଏ। ନିଜ ଜମିରେ ଉପଲବ୍ଧ ସାଧନକୁ ବ୍ୟବହାର କରି ଏହି ପ୍ରକ୍ରିୟା କରାଯାଉଥିବାରୁ କୃଷକର ବ୍ୟୟଭାର କମିଥାଏ। ଏହା ଦ୍ୱାରା ଉତ୍ତମ, ସୁସ୍ୱାଦୁ ତଥା ପୋଷଣ ତତ୍ୱ ଏବଂ ଜୀବସାରରେ ଭରପୂର ଖାଦ୍ୟ ସାମଗ୍ରୀ ଉତ୍ପାଦିତ ହୋଇଥାଏ; ଯାହାକି ଆମ ଶରୀରରେ ରୋଗ ପ୍ରତିଶେଧକ ଶକ୍ତି ବଢ଼ାଇଥାଏ।

## ଜୈବିକ କୃଷିର ଆବଶ୍ୟକତା

ରାସାୟନିକ ସାରର ନିରନ୍ତର ପ୍ରୟୋଗ ଯୋଗୁଁ ମାଟିର ଅଙ୍ଗାରତତ୍ୱର ପରିମାଣ ବହୁତ କମ୍ ହୋଇଯାଇଥାଏ। ଏହା ଛଡା ବାରମ୍ବାର କୀଟନାଶକର ପ୍ରୟୋଗ କରିବା ଦ୍ୱାରା କୀଟଗୁଡିକର ପ୍ରତିରୋଧ କ୍ଷମତା ବଢ଼ିବା ସହ ଅନାବନା ଘାସ ଓ ବାଲୁଙ୍ଗା ନିୟନ୍ତ୍ରଣ ମଧ କଷ୍ଟସାଧ ହୋଇଥାଏ। ରାସାୟନିକ ସାର ଓ କୀଟନାଶକ ଔଷଧ ଦ୍ୱାରା ଖାଦ୍ୟ ପଦାର୍ଥର ନିରନ୍ତର ଉତ୍ପାଦନ ଏବଂ ସଂରକ୍ଷଣ ଉପରେ ପ୍ରଭାବ ପଡିଥାଏ। କୃତ୍ରିମ ସାର ଓ କୀଟନାଶକର ପ୍ରୟୋଗ ହେତୁ ଅଧିକ ଜଳ ଦରକାର ହୁଏ ଏବଂ ପଦୂଷଣ ମଧ ବଢ଼ିଥାଏ।

## ଜୈବିକ କୃଷିର ବିଶେଷତା

ଜୈବିକ କୃଷି ଅଧିକ ସମୟ ପର୍ଯ୍ୟନ୍ତ ମାଟିରେ ଜୈବିକ ସ୍ତରକୁ ଜୀବିତ ରଖିବା ଦ୍ୱାରା ମାଟିର ଉର୍ବରତା ବଜାୟ ରହିଥାଏ। ଜୈବିକ କୃଷି ଫସଲକୁ ଖଣିଜ ପଦାର୍ଥ ପ୍ରଦାନ କରେ ଯାହାକି ମାଟିରେ ଥିବା ଚାଷ ଉପଯୋଗୀ ସୂକ୍ଷ୍ମ ଜୀବାଣୁ ମାଟିରେ ବଳବତ୍ତର ରୁହନ୍ତି। ଏହି ଜୀବାଣୁଗୁଡିକ ମାଟିର ଆଦ୍ରତା ବଜାୟ ରଖିବା ସହ ଫସଲକୁ ଦରକାରୀ ଯବକ୍ଷାରଜାନ, ଫସ୍‌ପରସ୍ ଆଦି ଅତ୍ୟାବଶ୍ୟକ ମିଳିବାରେ ସହଯୋଗ କରିଥା'ନ୍ତି।

Design & Developed by :
**i-Concept Initiatives**
e-mail : iinitiative@yahoo.com